ପାଣି ନିଷ୍କାସନ କରନ୍ତୁ ନାହିଁ । ପ୍ରତିଥର କୋନୋୱିଡର ଚଳାଇବା ପୂର୍ବରୁ ଜିଆଖତ ବା କୁକୁଡା ମଇଳା ପ୍ରୟୋଗ କରାଯାଏ । ଜମିରେ ପ୍ରଥମେ ଲମ୍ବ ଭାବେ ଏବଂ ତା ପରେ ପ୍ରସ୍ଥ ଭାବରେ କୋନୋୱିଡର ଚଳାଇବା ଦରକାର । ଏହାଦ୍ୱାରା ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ମାଟିରେ ଠିକ୍ ଭାବରେ ପବନ ଚଳାଚଳ କରିଥାଏ ।

**ରୋଗ ପୋକ ପରିଚାଳନା :** ମୁଖ୍ୟ ରୋଗ ପୋକ ନିୟନ୍ତ୍ରଣ ପାଇଁ ନିମ୍ବ, କରଞ୍ଜ, ବେଗୁନିଆ, ବେଲ ଆଦି ପାଚନ ମିଶ୍ରିତ ରସ, ଗୋମୂତ୍ର, ଗୋବର ଖତ, ନିମ୍ବ କରଞ୍ଜ ତେଲ ସମେତ ବାଉଁଶ ପକ୍ଷୀ ଆଶ୍ରୟ, ଆଲୋକ ଯନ୍ତା, ସଙ୍ଗଆକର୍ଷକ ଯନ୍ତା, ଉପକାରୀ କୀଟପତଙ୍ଗମାନଙ୍କୁ ବହୁଳ ମାତ୍ରାରେ ବ୍ୟବହାର କରାଯାଏ । ପତ୍ରଡିଆ, ଜଉପୋକ ଆଦି ଶୋଷକ ପୋକମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ହଳଦିଆ ଅଠାଳିଆ ଯନ୍ତା ଏକର ପ୍ରତି ୧୫-୨୦ଟି ବସାଇବାକୁ ପଡେ । ଦରକାର ପଡିଲେ ନିମ୍ବ ମଞ୍ଜିରୁ ପାଚନ ପ୍ରସ୍ତୁତ କରି ପ୍ରୟୋଗ କରାଯାଏ । କାଣ୍ଡବିନ୍ଧା ପୋକ ବନ୍ଦ କରିବା ପାଇଁ ଟ୍ରାଇକୋଗ୍ରାମ ପରାଶ୍ରୟୀ କୀଟକୁ ରୋଇବାର ୩୦ ଦିନ ପରେ ପ୍ରତି ୧୦ ଦିନ ଅନ୍ତରରେ ୫ ଥର ଏକର ପ୍ରତି ୨୦,୦୦୦ ପର୍ଯ୍ୟନ୍ତ ଅଣ୍ଡା ଛାଡନ୍ତୁ । ତଳି ରୋଇବାର ଏକ ସପ୍ତାହ ମଧ୍ୟରେ କିଆରୀରେ ଏକର ପ୍ରତି ୮-୧୦ଟି କଣି ଥିବା ବାଉଁଶ ପୋତିଲେ ପକ୍ଷୀ ଆଶ୍ରୟ ନିଅନ୍ତି ଓ କୀଟମାନଙ୍କୁ ଖାଇଯାଆନ୍ତି, ଏକର ପ୍ରତି ନିମ୍ବ ପିଡିଆ ୪୦ କି.ଗ୍ରା. ସହିତ ୧୦ଟି ଆଲୋକ ଯନ୍ତା, ବ୍ୟବହାର କଲେ କାଣ୍ଡବିନ୍ଧା ପୋକ ଦମନ ହୋଇଯାନ୍ତି ।

**ଅମଳ :** ଶ୍ରୀ ପଦ୍ଧତି ଧାନ ଚାଷରେ ପ୍ରଥମେ ପ୍ରଥମେ ନୂତନ ଯନ୍ତ୍ରପାତି ବ୍ୟବହାର ଓ ଦକ୍ଷତା ଥିବା ଶ୍ରମିକ ଅଭାବ ଯୋଗୁଁ ଖର୍ଚ୍ଚ ଅଧିକ ଓ ଅମଳ କମିଥାଏ । କିନ୍ତୁ ପରବର୍ତ୍ତୀ ସମୟରେ ଅଭିଜ୍ଞତା ହୋଇଗଲେ କମ ପରିଶ୍ରମରେ ଅମଳ ବୃଦ୍ଧି ସହ ଖର୍ଚ୍ଚ କମିଥାଏ । ଶତକଡା ୮୫ ଭାଗ କେଣ୍ଡା, ପାଚି ଯାଇଥିଲେ ଧାନ ଅମଳ କରାଯାଏ । ଏକର ପ୍ରତି ପ୍ରାୟ ୧୬ ରୁ ୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ ମିଳିଥାଏ । ପାରମ୍ପରିକ ଚାଷ ପଦ୍ଧତି ଅପେକ୍ଷା ପ୍ରାୟ ଦେଢଗୁଣ ଅଧିକ ଅମଳ ମିଳିଥାଏ ।

**ଶ୍ରୀ ପଦ୍ଧତିରେ ଚାଷ ଖର୍ଚ୍ଚ (ଏକର ପ୍ରତି)**

| କ୍ର.ସଂ | ଉପାଦାନ | ଟଙ୍କା |
|---|---|---|
| ୧ | ଜମି ପ୍ରସ୍ତୁତି | ୯୦୦ |
| ୨ | ବିହନ | ୩୦ |
| ୩ | ଖତ ଓ ସାର | ୧୩୦୦ |
| ୪ | ମୋଟ ମଜୁରୀ ଖର୍ଚ୍ଚ | ୪୯୯୫ |
| | (ତଳିଘରା ପ୍ରସ୍ତୁତ | (୪୫ |
| | ରୁଆ | ୪୫୦ |
| | ଘାସବଛା | ୧୬୨୦ |
| | ଜଳସେଚନ | ୧୮୦ |
| | ଅମଳ) | ୨୭୦୦) |
| | ମୋଟ ଚାଷ ଖର୍ଚ୍ଚ | ୭୨୨୫ |
| | ଉତ୍ପାଦିତ ଦ୍ରବ୍ୟ ମୂଲ୍ୟ | ୨୦୦୦୦ |
| | ନେଟ୍ ଲାଭ | ୧୨୭୭୫ |
| | ଲାଭ ଖର୍ଚ୍ଚ ଅନୁପାତ | ୨.୭୭ |




ଲେଖକ ଓ ସଂପାଦକ
ଦୀର୍ଯ୍ୟକ କୁମାର ସାମନ୍ତ
କ୍ଷେତ୍ର ପରିଚାଳକ
ଶ୍ରୀମତୀ ମିନାକ୍ଷୀ ପୃଷ୍ଟି
ବିଷୟବସ୍ତୁ ବିଶେଷଜ୍ଞ (ମୃତ୍ତିକା ବିଜ୍ଞାନ)
ମୁଖ୍ୟ ସଂପାଦିକା
ଡଃ ତିଳୋତ୍ତମା ପଟ୍ଟନାୟକ
କାର୍ଯ୍ୟକ୍ରମ ସଂଯୋଜିକା



ପ୍ରକାଶକ - କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ
ମୁଦ୍ରଣ - ଅସୀମା ପ୍ରିଣ୍ଟର୍ସ, ନୟାପଲ୍ଲୀ, ଭୁବନେଶ୍ୱର


# ଶ୍ରୀ ପଦ୍ଧତିରେ ଧାନ ଚାଷ




## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ପ ମହୁଲା, ପୋ: ହୁଲୁରସିଙ୍ଗା
ପିନ୍ - ୭୫୯୧୩୨
ଇମେଲ୍ - angulkvk@yahoo.com

ସବୁଜ ବିପ୍ଳବରେ ଚାଷର ଅଧିକ ଅମଳକ୍ଷମ ବିହନ, ଅତ୍ୟଧିକ ସାର, ଅତ୍ୟଧିକ କୀଟନାଶକ ଔଷଧ ବ୍ୟବହାର ଦ୍ୱାରା ମାଟିର ସ୍ୱାସ୍ଥ୍ୟ ଓ ଉତ୍ପାଦକତା ଉପରେ ଏହାର କୁପ୍ରଭାବ ପରିଲକ୍ଷିତ ହୋଇଛି । ୧୯୮୩ ମସିହାରେ ମାଡାଗାସ୍କରେ ଫାଦର ହେନେରୀ ଡି. ଲାଉଲାନିଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ଶ୍ରୀ ପଦ୍ଧତି ଧାନ ଚାଷରେ କମ୍ ବିହନ, କମ୍ ପରିମାଣରେ ସାର ଓ ଔଷଧ ଏବଂ କମ୍ ଜଳ ବ୍ୟବହାର କରି ଅଧିକ ଲାଭ ପାଇପାରିବା । ଭୂତଳ ଜଳସ୍ତର ମଧ୍ୟ ତଳକୁ ଖସିଯାଇଛି । ଚାଷ କାର୍ଯ୍ୟ ବ୍ୟୟସାପେକ୍ଷ ସହ ଚାଷୀ ଭାଇମାନେ ଚାଷ କାର୍ଯ୍ୟରୁ ବିମୁଖ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ଧାନଚାଷ ଏକ ବିକଳ୍ପ ହୋଇପାରିଛି । ଏକକ ଜମିରୁ ଅଧିକ ଅମଳ ଓ ଅଧିକ ନଡା ହେବା ଏହି ପଦ୍ଧତିର ବିଶେଷତ୍ୱ । ଏହି ପଦ୍ଧତିର ସବୁ ସୋପାନ ଗୁଡିକୁ ସମନ୍ୱିତ ଭାବରେ ଧ୍ୟାନ ଦେଲେ ଏଥିରୁ ପ୍ରକୃତ ଲାଭ ପାଇପାରିବା । ଅତ୍ୟଧିକ ଜଳହ୍ରାସ ଧାନ ଉତ୍ପାଦନ ଓ ଉତ୍ପାଦିକତାରେ ଏକ ସୁଦୂର ପ୍ରସାରୀ ପ୍ରଭାବ ରହିଛି । "ପ୍ରତି ବୁନ୍ଦା ଜଳରୁ ଅଧିକ ଧାନ ଉତ୍ପାଦନ" ପାଇଁ ଶ୍ରୀ ଧାନ ଚାଷ ଏକ ସର୍ବୋତ୍କୃଷ୍ଟ ପଦ୍ଧତି ।

**ମୃତ୍ତିକା** – ସବୁ ପ୍ରକାର ମୃତ୍ତିକାରେ ହୋଇପାରେ ମାତ୍ର କ୍ଷାରୀୟ ଓ ଲବଣାକ୍ତ ମୃତ୍ତିକାରେ ଭଲ ହୋଇପାରେ ନାହିଁ ।

**ଜମି** – ଉତ୍ତମ ଭାବେ ଜଳ ନିଷ୍କାସନ ଥିବା ଓ ଜଳସେଚନ ସୁବିଧା ଥିବା ସମତଳ ଜମି ଚୟନ କରାଯାଏ ।

**ଜଳବାୟୁ** – ଉଭୟ ଖରିଫ୍ ଓ ରବି ଋତୁରେ କରାଯାଇପାରିବ ।

**ବିହନ** – ଶ୍ରୀ ପଦ୍ଧତିରେ ଜମିର ଆବଶ୍ୟକତା ଦେଖି ଯେ କୌଣସି କିସମର ବିହନ ଯଥା ଦେଶୀ, ଅଧିକ ଅମଳକ୍ଷମ, ଶଙ୍କର କିମ୍ବା ବାସ୍ନା ଧାନ କିସମର ଉନ୍ନତମାନର ବିହନ ବ୍ୟବହାର କରାଯାଇପାରେ ।

**ବିହନ ପରିମାଣ :** ଏକର ପ୍ରତି ୨ କି.ଗ୍ରା. ବିହନ ଦରକାର ହୋଇଥାଏ । ଯାହା ଅଧିକ ଅମଳକ୍ଷମ ବିହନ (୨୫–୩୦ କି.ଗ୍ରା. ଏବଂ ସଙ୍କର କିସମ ବିହନ (୬ କି.ଗ୍ରା.)ରୁ ଯଥେଷ୍ଟ କମ୍ ।

**ବିହନ ଉପଚାର :** ପ୍ରତି କି.ଗ୍ରା ବିହନକୁ ୨୫–୩୦ ଗ୍ରାମ ଆଜାଟୋବ୍ୟାକ୍ଟର /ଆଜୋସ୍ପିରିଲମ ଓ ଫସ୍‌ଫୋବ୍ୟାକ୍ଟର ୩୦–୪୦ ମିଲି ପାଣିର ମିଶ୍ରଣରେ ଉପଚାର କରାଯାଇ ୩୦ ମିନିଟ ଛାଇରେ ଶୁଖାଇବା ପରେ ତଳି ଘେରାରେ ବୁଣାଯାଏ ।

**ତଳିଘେରା :** ଏକ ଏକର ଜମି ରୋଇବା ପାଇଁ ୪୦ ବର୍ଗମିଟର ଜମି ଆବଶ୍ୟକ ହୋଇଥାଏ ଯାହା କି ସେହି ଜମି ବା ପାଖ ଜମିରେ ଥିବା ଆବଶ୍ୟକ ଜମିକୁ ଭଲ ଭାବେ ଚାଷ କରି ମାଟି ଗୁଣ୍ଡ କରିନେବା ଆବଶ୍ୟକ । ପ୍ରତି ବର୍ଗମିଟର ପାଇଁ ୫୦୦ ଗ୍ରାମ ସଢା ଗୋବର ଖତ ହଳ କରିବା ସମୟରେ ପକାଇ କାଦୁଅ କରାଯାଏ । ୩–୪ ଫୁଟ ଓସାର ଓ ସୁବିଧା ଅନୁଯାୟୀ ଲମ୍ବର ତଳି ଘେରା ପ୍ରସ୍ତୁତ କରାଯାଏ । ତଳିପଟିର ଉଭୟ ପାର୍ଶ୍ୱରୁ ମାଟି ଉଠାଇ ଉଚ୍ଚା କରାଯାଏ । ଜଳ ନିଷ୍କାସନ ପାଇଁ ତଳି ଘେରା ମଧ୍ୟରେ ୧ ଫୁଟର ମାହାରା ରଖାଯାଏ । ବିହନକୁ ୨୪ ଘଣ୍ଟା ପାଣିରେ ବତୁରାଇ ରଖିବା ପରେ ତାକୁ ପାଣିରୁ ଛାଣି ୪୮ ଘଣ୍ଟା ଓଦା ଅଖାରେ ରଖାଯାଏ । ତଳି ଘେରା ଉପରେ ଗୋବର ଖତ ବା ଜିଆଖତ ଗୋଟିଏ ପରସ୍ତ (୨ ଇଞ୍ଚ) ବିଛାଇ ତା ଉପରେ ଗଜା ହୋଇଥିବା ବିହନକୁ ବୁଣାଯାଏ । ତା ପରେ ପତଳା ସ୍ତରର ଆଉ ଏକ ପରସ୍ତ (୧ ଇଞ୍ଚ) ଖତ ବିଛାଇ ପରିଷ୍କାର ନଡାକୁ ତଳିଘେରା ଉପରେ ଘୋଡାଇ ଦିଆଯାଏ ଓ ତା ଉପରେ ଝରା ସାହାଯ୍ୟରେ ପାଣି ସିଞ୍ଚନ କରାଯାଏ । ତଳି ଘେରାକୁ ଗଛ ବାହାରିବା ମାତ୍ରେ (୩–୪ ଦିନ ପରେ) ନଡାକୁ ଉଠାଇ ଦିଆଯାଏ ଓ ତଳି ବଢିବାକୁ ଦିଆଯାଏ । ପ୍ରତିଦିନ ଝରା ସାହାଯ୍ୟରେ ପାଣି ଦିଆଯାଏ ।

**ମୁଖ୍ୟ କ୍ଷେତ ପ୍ରସ୍ତୁତି :** ପ୍ରାକ୍ ମୌସୁମୀ ବର୍ଷା ପରେ ମୁଖ୍ୟ କ୍ଷେତ ସାଧାରଣତଃ ମଧ୍ୟମ ଓ ଖାଲ କିସମ ଜମିରେ ଧାନ ରୋଇବାର ୬ ସପ୍ତାହ ପୂର୍ବରୁ ଏକର ପ୍ରତି ୧୦ କିଗ୍ରା ହିସାବରେ ଧଣିଚା ବୁଣାଯାଏ । ରୋଇବାର ଏକ ସପ୍ତାହ ପୂର୍ବରୁ ଭଲ ଭାବେ ହଳ କରି ଧଣିଚାକୁ ମାଟିରେ ମିଶାଇ ଦିଆଯାଏ । ଆବଶ୍ୟକ ପରିମାଣର ଖତ ଓ ସାର ପ୍ରୟୋଗ କରି କାଦୁଅ କରାଯାଏ । ପ୍ରତି ୨ ମିଟର ବ୍ୟବଧାନରେ ୧ ଫୁଟ ଚଉଡାର ନାଳୀ କରି ନାଳରୁ ବାହାରୁଥିବା ମାଟିକୁ ପଟି ଉପରେ ପକାଇ ତାକୁ ସମତୁଲ କରାଯାଏ । ମାର୍କର ବା ୨୫ ସେ.ମି. ବ୍ୟବଧାନରେ ଦାନ୍ତି ଥିବା କାଠ ରେକ୍‌କୁ କାଦୁଅ ଜମିରେ ଟାଣି ୨୫ ସେ.ମି. ଦୂରତାରେ ଗାର ଟଣାଯାଏ । ପ୍ରଥମେ ପୂର୍ବ ପଶ୍ଚିମ ଦିଗରେ ଟାଣିଲେ ଦ୍ୱିତୀୟ ଥର ଉତ୍ତର ଦକ୍ଷିଣ ଦିଗରେ ଟଣାଯାଏ । ଗାର ଗୁଡିକ ଯେଉଁ ସ୍ଥାନରେ ଛେଦକରେ ସେହି ସ୍ଥାନରେ ତଳି ରୁଆଯାଏ ।

**ଖାଦ୍ୟସାର ପରିଚାଳନା :**

ଏକର ପ୍ରତି ସବୁଜ ସାର ହିସାବରେ ୧୦ କି.ଗ୍ରା. ଧଣିଚା ମଞ୍ଜି ବୁଣାଯାଇ ଧାନ ରୋଇବାର ସପ୍ତାହ ପୂର୍ବରୁ ହଳ କରି ମାଟିରେ ମିଶାଇବା ପରେ ଜମିରେ ପାଣି ବାନ୍ଧି ରଖାଯାଏ । ବାୟୋସାର ହିସାବରେ ଏକରକୁ ୪ କ୍ୱିଣ୍ଟାଲ ଆଜୋଲା ଧାନ ରୁଆ ସରିଥିଲେ ରୋଇବାର ସପ୍ତାହକ ପରେ ପ୍ରୟୋଗ କରାଯାଏ । ଏକର ପ୍ରତି ୨ ଟନ ସଢା ଗୋବର ଖତ ସହିତ ଆଜୋସ୍ପିରିଲମ୍, ଆଜାଟୋବ୍ୟାକ୍ଟର ଓ ପି.ଏସ.ବି ପ୍ରତିଟି ୨ କି.ଗ୍ରା ହିସାବରେ ମିଶାଇ ପ୍ରୟୋଗ କରନ୍ତୁ । ପ୍ରତି ଏକର ପିଛା ୪ କ୍ୱିଣ୍ଟାଲ ଜିଆ ଖତ ପ୍ରୟୋଗ କରାଯାଏ । ତଳି ଲଗାଇବା ପୂର୍ବରୁ ଜିଆଖତ ୧.୫ କି.ଗ୍ରା. ଓ କରଞ୍ଜ ପିଡିଆ ୨ କି.ଗ୍ରା. ପ୍ରତି ତଳି ପଟି ହିସାବରେ ପ୍ରୟୋଗ କରିବା ଦ୍ୱାରା ଫସଲକୁ ଅଣୁସାର ମିଳିଥାଏ । ଆବଶ୍ୟକତା ଅନୁସାରେ ରାସାୟନିକ ସାର ରୂପେ ୨୪:୧୨:୧୨ କି.ଗ୍ରା. ଅନୁପାତର ଯବକ୍ଷାରଜାନ, ଫସଫରସ ଓ ପଟାସ ସାର ମଧ୍ୟ ପ୍ରୟୋଗ କରାଯାଏ ।

**ତଳିରୁଆ :** ସାଧାରଣତଃ ୧୦–୧୨ ଦିନିଆ ତଳି (ଦୁଇ ପତ୍ର ବିଶିଷ୍ଟ) ରୋଇବାକୁ ପଡିଥାଏ । ତଳି ଘେରାରୁ ଉପାଡିବାର ୩୦ ମିନିଟ୍ ମଧ୍ୟରେ ମୁଖ୍ୟ କ୍ଷେତରେ ରୁଆଯାଏ । ତଳି ଘେରାରୁ ମାଟି ଓ ଖତ ଲାଗିଥିବା ଅବସ୍ଥାରେ ସାବଧାନତାର ସହ ଚାରା ଲଗାଯାଇ ଦୁଇ ଅଙ୍ଗୁଳି ସାହାଯ୍ୟରେ ଯତ୍ନ ସହକାରେ ବୁଦା ପ୍ରତି ଗୋଟିଏ ଗଛ ରୁଆଯାଏ । ଧାଡିକୁ ଧାଡି ୨୫ ସେ.ମି. ଓ ଗଛକୁ ଗଛ ୨୫ ସେ.ମି. ବ୍ୟବଧାନରେ ଚାରା ରୋପଣ କରିବାକୁ ପଡିଥାଏ ।

**ଜଳ ପରିଚାଳନା :** ଫସଲର ବୃଦ୍ଧି ଅବସ୍ଥାରେ ଜମି ଶୁଖି ନଯିବା ପାଇଁ ଓ ଉପର ମାଟି ଫାଟି ନ ଯିବା ପାଇଁ ହାଲୁକା ଜଳସେଚନ କରି ଜମିକୁ ଓଦା ରଖାଯାଏ । ଠିଆ ପାଣି ରଖାଯାଏ ନାହିଁ ।

ବିଳମ୍ବ ଫୁଲ ହେବା ଅବସ୍ଥାରୁ ଅମଳର ୧୦ ଦିନ ପୂର୍ବ ଯାଏ ୧ ଇଞ୍ଚ ଠିଆ ପାଣି ରଖାଯାଏ । କେଣ୍ଡା ବାହାରିବା, ଫୁଲ ଉଡେଇବା ଏବଂ ଦାନା ବାନ୍ଧିବା ସମୟରେ ଜମି ଯଥେଷ୍ଟ ଓଦାଳିଆ ରଖିବା ଆବଶ୍ୟକ ।

**ଘାସ ନିୟନ୍ତ୍ରଣ :** ଧାନ ରୁଆଯିବାର ୧୦ ଦିନ ପରେ ପ୍ରତି ୧୦ ଦିନ ବ୍ୟବଧାନରେ ଅନ୍ତତଃ ୩–୪ ଥର ଘାସ ନିୟନ୍ତ୍ରଣ କରାଯାଏ । କୋନୋୱିଡର ଚଳାଇ ଘାସ ନିୟନ୍ତ୍ରଣ କରାଯାଏ । ୱିଡର ଚଳାଇବା ପରେ ଜମି ରହିଥିବା